Digitized by srujanika@gmail.com

ଟୁକୁନିରି ନାନାବାୟା

ଡକ୍ଟର ପ୍ରସନ୍ନ କୁମାର ମିଶ୍ର

ଓଡ଼ିଶା ବୁକ୍ ଷ୍ଟୋର

Digitized by srujanika@gmail.com

ଟୁକୁନ୍‌ର ନାନାବାୟା (ଶିଶୁଗୀତି)

ଲେଖକ :
ଡକ୍ଟର ପ୍ରସନ୍ନ କୁମାର ମିଶ୍ର

ପ୍ରକାଶକ :
ଶ୍ରୀ ଗୋବିନ୍ଦ ଚରଣ ପାତ୍ର
ଓଡ଼ିଶା ବୁକ୍ ଷ୍ଟୋର
ବିନୋଦ ବିହାରୀ, କଟକ ୭୫୩ ୦୦୨

ପ୍ରଥମ ସଂସ୍କରଣ : ୧୯୯୧

ମୁଦ୍ରଣ :
ରୟାଲ୍ ହାଫ୍‌ଟୋନ୍ କୋ:
କଟକ - ୨

ମୂଲ୍ୟ ବାରଟଙ୍କା ପଚାଶ ପଇସା ମାତ୍ର

TUKUNRA NANABAYA
(Rhymes)
By :
Dr Prasanna Kumar Mishra

Published by :
Sri Gobinda Charan Patra
Orissa Book Store
Binod Behari Cuttack 753 002

First Edition 1991

Printed at
ROYAL HALF-TONE Co.
Cuttack **2**

Price : Rs.12-50

Digitized by srujanika@gmail.com

ଝୁନୁକୁନୁର ନାଚାବାଜା!

ସଂକଳିତ ଶିଶୁଗୀତିଗୁଡ଼ିକ ପୂର୍ବରୁ ପତ୍ର - ପତ୍ରିକାରେ ପ୍ରକାଶିତ। ପିଲାମାନେ ଏଗୁଡ଼ିକ ନିଜ ଢଙ୍ଗରେ ବୋଲି ଆନନ୍ଦ ପାଇବେ। ମା'ମାନେ ମଧ୍ୟ ପିଲାଙ୍କୁ ଖେଳାଇବା, ବୋଧକରିବା ଓ ଶୁଆଇପକାଇବା ସମୟରେ ଏଗୁଡ଼ିକୁ ବୋଲିପାରିବେ।

ପ୍ରସନ୍ନ କୁମାର ମିଶ୍ର

Digitized by srujanika@gmail.com

ସୂଚୀପତ୍ର

ଏକ ଦୁଇ ନୁହେଁ ହଜାରେ ୫
ହାତୀ ଘୋଡ଼ାଙ୍କର ଦେଉଳ ୯
ଟୁକୁନ୍ ହେଉ ଖୁସି ୧୧
ମଣ୍ଡେ ଲଗିଆ' କୂଳକୁ ୧୩
କିଏ ଖାଇଲା ଦୁଧ ଭାତ ୧୪
ଚଇତ ଫୁଲେ ୧୫
ଝୁଲ ଝୁଲି ୧୬
ଶିଶୁ ଗୀତି ୧୭
ଚିଟିରି ମିଟିରି ବୋହୂ ୧୮
ଛୁଇଁ ଛୁଇଁ ଯା ୨୦
ଡୁକି ଶୋଇବୁ ନହିଁ ୨୧
ପୁଚି ଖେଳ ଗୀତ ୨୨
କାନ୍ଦିଲେ ଦୁନାକୁ ଆସଇ ନିଦ ୨୩
ଟୁକୁନ୍ ଗଲା କାହିଁ ? ୨୪
ନାଲି ଗୁଲୁ ଗୁଲୁ ଫିଅଟି ୨୫
ସାହା ଧରିଥିଲା ଯିଏ ୨୬
କିଏ ଗାଧୋଇବ କେଉଁଠି ୨୭
ମୋ କଥା କିଏ ବୁଝେ ୨୯
ଫୁଟିଲେ ଗୁଳି ଗୁଲା ୩୧
ଏଇଟି ମୋର କିଏ ୩୨
ନୂଆ ବରଷ ନମସ୍କାର ୩୩

Digitized by srujanika@gmail.com

ଏକ ଦୁଇ ନୁହେଁ ହଜାରେ

୧

ସଜାରେ ଦୀପଟି ସଜାରେ
ଏକ୍ ଦୁଇ ନୁହେଁ ହଜାରେ,

Digitized by srujanika@gmail.com

ତେଲରେ ସଳିତା ସୁଡ଼୍ ସୁଡ଼ୁ
ଦୀପ ଜଳୁଥାଉ ଜୁଳ୍ ଜୁଳୁ,
ଆକାଶରେ ତରା ମିଟ୍-ମିଟି
ଅନ୍ଧାର ଲାଗେ କିଟ୍-କିଟି

Digitized by srujanika@gmail.com

ଦେ' ଜାଳି ଦେ' ଝରଝରି
ଝରଝରି ବଡ଼ ଫରଫରି ।
କାଉଁରିଆ କାଠି ଖଡ଼୍ ଖଡ଼
ଶୁଣିଥା' ଯେତେ ବଡ଼୍ ବଡ଼ !
ଆଲୁଅ ଦେଖିଲେ ଆସିବ
ଟୁକୁନ୍ ସହିତ ମିଶିବ ।

Digitized by srujanika@gmail.com

୨

ତାଳ ଫୁଟୁକା ଟି — ଢୋ'
ଶୂନ୍ ଫୁଟୁକା ଟି — ଠୋ'
ଦିଆସିଲି କାଠି — ଖରର
ବାରୁଦ ଜଳିଲା — ଚରର
ମାଛର ଲାଞ୍ଜ — ସୁରର
ଚଢ଼େଇ ଉଡ଼ିବ — ଫୁରର

ଜୁଇ ଗୋଟି ହେବ — ଜୁଉଉ
ଫୁଲ ବରଷିବ — ସୁଉଉ

Digitized by srujanika@gmail.com

ହାତୀ-ଘୋଡ଼ାଙ୍କର ଦେଉଳ

ଦିଶୁଛି ଡଉଳ ଡାଉଳ
ହାତୀ-ଘୋଡ଼ାଙ୍କର ଦେଉଳ

ହାତୀ ପଛେ ହାତୀ ଚାଲିଛି
କାନ ପଛେ କାନ ହଲୁଛି

ହାତୀର ପିଠିରେ ମାହୁତ
ଘୋଡ଼ାର ପିଠିରେ ରାଉତ

Digitized by srujanika@gmail.com

ଘୋଡ଼ା ଦଉଡ଼ଇ କୁଆଡ଼େ
ହାତୀ ଚାଲିଥାଏ ଯୁଆଡ଼େ ।

ଘୋଡ଼ା ଦୌଡ଼ି ଦୌଡ଼ି ଯେଉଁଠି
ହାତୀ ଡିପେଇ ଡିପେଇ ସେଇଠି ।

Digitized by srujanika@gmail.com

ଟୁକୁନ୍ ହେଉ ଖୁସି

ଆ ପବନ ଆ
ଫୁଲ ଡାଳଟି ହଲେଇ ଦେ
ପାଖୁଡ଼ା ପଡୁ ଖସି
ଟୁକୁନ୍ ହେଉ ଖୁସି ।

ଆ ସୂରୁଜ ଆ
କିରଣ ରେଣୁ ବୁଣି
ରଙ୍ଗ ଦେ, ଢଙ୍ଗ ଦେ
କାକର ଠୋପା ନିଗାଡ଼ି ନେ
ପାଖୁଡ଼ା ଯେତେ ମେଲାଇ ଦେ

ପୂରିକି ରହୁ ଭିତରେ ମହୁ
ଭଅଁର ଖାଉ ଚୋଷି
ଟୁକୁନ୍ ହେଉ ଖୁସି ।

Digitized by srujanika@gmail.com

ଆ ଭଅଁର କଳା ଭଅଁର
ଗୁଣୁ ଗୁଣେଇ ଗୀତ
ଛିଟି ମିଟିକା ପରଜାପତି
ତୋ'ର ପରୀ ମିତ

ଆଣ୍ ଯା ଡ଼ାକି
ହେଲାଣି ବେଳ
ଡ଼େଣା ମେଲାଇ କରୁ ସେ ଖେଳ
ଫୁଲ ଉପରେ ବସି।
ଟୁକୁନ୍ ହେଉ ଖୁସି।

ନଈ ଲାଗିଆ କୂଳକୁ

ଝାଡ଼ ଝାଡ଼ ଝାଡ଼ରେ
ଲୁଗା କଣ୍ଡା ବାଡ଼ରେ ।
କଳି କରିବାକୁ ନାହିଁ ବୁଢ଼ୀ
ନଈରେ ଏବେ ନାହିଁ ବଢ଼ି ।
ନଈ ଲାଗି ଆ' କୂଳକୁ
ନାଆ ଭାସି ଯା' ତଳକୁ ।

ନାଆରେ ବସିଚି କିଏ ?
ମଧୁର ପାଣି ପିଏ ।
ପାଣି ଖାଇଗଲା ବିଲ
ମାଛ ନେଇଗଲା ଚିଲ ।
ଚିଲ ଝାଡ଼ିଦେଲା ପର
ଟୁକୁନ୍‌କୁ ଟିକେ ଧର ।

Digitized by srujanika@gmail.com

କିଏ ଖାଇଲା ଦୁଧ ଭାତ

ଆମର ବାବୁ ପଡ଼ିଛି ଶୋଇ
ଜାଣିଲା ନାହିଁ କିଛି
କିଏ ଖାଇଲା ଦୁଧ୍ ଭାତ
କିଏ ଖେଳିଲା ପୁଚି ?
ନନାଗଲା ବଜାର କରି
ନାନୀ ପାଠ ପଢ଼ି
ମା' ରାନ୍ଧିଲା ମାଗୁର ମାଛ
ଦେଇ ଆମ୍ବୁଲ ବଡ଼ି ।

ନୂଆ ବୋଉଙ୍କ ବାପଘରୁ
ଅଇଲେ ଯେ କୁଣିଆ
ଆଣିଥିଲେ ପାକଲା ଆମ୍ବ
ବଡ଼ ସୁଆଦିଆ
ସାନ ବାବୁ ଯେ ଘରେ ଥିଲେ ଖାଇଲେ ବାଛି ବାଛି
ଆମର ବାବୁ ପଡ଼ିଛି ଶୋଇ ଜାଣିଲା ନାହିଁ କିଛି ।

Digitized by srujanika@gmail.com

ଚଇତି ଝୁଲେ

ଫୁଲେ ଫୁଲେ
ଚଇତ ଝୁଲେ
ଆଉ କେ ଝୁଲେ କାହିଁ?
ମା'ର କୋଳେ
ଟୁକୁନ୍ ଝୁଲେ
କଳିଏ ଦୁଧ୍ ପାଇଁ।

ଡାଳ ଝୁଲେ
ପତର୍ ଝୁଲେ
ଆଉ କେ ଝୁଲେ କାହିଁ?

ଝୁଲଇ ଗଛେ
ଆମ୍ବ କଷି
ଟୁକୁନ୍ ଆଡ଼େ ଚାହିଁ।

Digitized by srujanika@gmail.com

ଝୁଲ ଝୁଲ

ଘନାଘନ୍ ବନସ୍ତରେ ଝୁଲ୍ ଝୁଲ୍ ଝୁଲୁଥା
ବରଡ଼ାଳ ଭାଙ୍ଗୁଥା
ଘମା ଘମ୍ ବରଷାରେ ମା' କୋଳେ ଫୁଲୁଥା
କେତେ ଗୀତ ଶୁଣୁଥା ।

ପଦୁଅଁର ପୋଖରୀରେ ଚକାଚକୀ ପଡ଼ଚ
ନ'ଆଠ ସତର ;
ପାଣି କେତେ କଲୁଥା, ଫୁଲ କେତେ ଗଣୁଥା
ଦୁଇ ତିନ୍ ମିତ ଧରି ବଣେ ବଣେ ବୁଲୁଥା
ଝୁଲ୍ ଝୁଲ୍ ଝୁଲୁଥା ।

Digitized by srujanika@gmail.com

ଶିଶୁ ଗୀତ

ଝୋଁ-ଝୋଁ   ରାଣୀ କି
ଠାକୁର ଗଲେ   ପାଣି କି

ଫୁଲ ଗୋଟିଏ   ନେଇ ଯା
ମୁକୁଟ ଖଣ୍ଡେ   ଦେଇ ଯା

Digitized by srujanika@gmail.com

ଚିତିରି ମିତିରି ବୋହୂ

ମାଟିରୁ ରସ ଟାଣି ଯେତେ
ତିଆରି କଲି ମହୁ
ଶୋଷିଲା ସବୁତକ ସେ
ଚିତିରି ମିତିରି ବୋହୂ ।
କାହା ଘର ବୋହୂରେ
ତା' ପିନ୍ଧା ପାଟ ଉଡ଼େ
ହାତ ନାହିଁ ନିଶରେ ମୋ
ଦିହ ମୁଣ୍ଡ ପୋଡ଼େ ।

Digitized by srujanika@gmail.com

Digitized by srujanika@gmail.com

ଛୁଇଁ ଛୁଇଁ ଯା

ସରଗର ଜହ୍ନରେ

ସରଗର ମେଘରେ ବାଟେ ବାଟେ ଯା

ଭାସି ଭାସି ଯା

ସରଗର ତରାରେ

ଲୁଚି ଲୁଚି ଯା

ସରଗର ନିଦରେ

ଚୁପି ଚୁପି ଆ...

ସରଗର ଫୁଲକୁ

ଛୁଇଁ ଛୁଇଁ ଯା...

Digitized by srujanika@gmail.com

ତୁ କି ଶୋଇବୁ ନାହିଁ

କଅଁଳା ବାଛୁରୀ ଶୋଇ ପଡ଼ିଲାଣି
ଗୁହାଳ ଭିତରେ ଯାଇ
କାହିଁକି ଏମିତି କାନ୍ଦୁଚୁ ବାବୁରେ
ତୁ କି ଶୋଇବୁ ନାହିଁ?
ଟିକି ଚଢ଼େଇ ତ ଶୋଇପଡ଼ିଲାଣି
ଆଉ ଶୁଭୁନାହିଁ ପାଟି
ଶେଯ ବୋଲି ତା'ର କୁଟା ଖଣ୍ଡିଏରେ
ତକିଆ ତା'ର କାଠି
ଘାସର ଶେଯରେ ଶୋଇଲା ଠେକୁଆ
ଗଛରେ ମାଙ୍କଡ଼ ପାଟି
ସଞ୍ଜ ସଞ୍ଜ ବେଳୁ
ଶୋଇପଡ଼ିଲାଣି
ରଙ୍ଗିଆ ପରଜାପତି

କୋଇଲି ଛୁଆଟି ଶୋଇ ପଡ଼ିଲାଣି
ମା'କୁ ପାଖରେ ପାଇ
କାହିଁକି ଏମିତି କାନ୍ଦୁଚୁ ବାବୁରେ
ତୁ କି ଶୋଇବୁ ନାହିଁ।

Digitized by srujanika@gmail.com

ପୁଚିଖେଳ ଗୀତ

ପୁଚିଲୋ ଘୁଞ୍ଯା;
ବନ୍ଧ ତଳେ ଲୁଚିଯା ।
ନଈ ତଳ ପଟାଳିରେ ସୋରିଷର ଫୁଲ
ପୁଚିଲୋ ଘୁଞ୍ଯା,
ଦଶ ମାଣ ସୋରିଷରେ ପାଞ୍ଚ ମାଣ ତେଲ
ପୁଚିଲୋ ଘୁଞ୍ଯା,

ନାକ ତଳେ ନିଶ ଲୋ
କଥାଗୁଡ଼ାକ ବିଷ ।
ବିଷ କିଆଁ ଖାଇବୁ ଲୋ ଘୁଞ୍ଯା ଘୁଞ୍ଯା
ପୁଚିଲୋ ଘୁଞ୍ଯା ।

Digitized by srujanika@gmail.com

କାନ୍ଦିଲେ କୁନାକୁ ଆସଇ ନିଦ

ଆସ ଗୋ ଆସ ଗୋ ନିଦ ମାଉସୀ
ମୋ କୁନା ଆଖିରେ ପଡ଼ ଗୋ ବସି
କାନିରେ ଆଣିବ କାକୁଡ଼ି କଷି
ସକାଳକୁ କୁନା ହୋଇବ ଖୁସି
ଆସ ଗୋ ଆସ ଗୋ ନିଦ ମାଉସୀ
ଆଖିବୁଜି କୁନା ଦେଉଚି ହସି,

କାନିରେ ଆଣିବ କାନ୍ଦୁରା-ଗଦ
କାନ୍ଦିଲେ କୁନାକୁ ଆସଇ ନିଦ॥

Digitized by srujanika@gmail.com

ଟୁକୁନ୍ ଗଲା କାହିଁ?

ଖରାବେଳଟା ଚୁପ୍‌ଚାପ୍
ଟିକିଏ ନାହିଁ ଧପ୍‌ଧାପ୍
ଯେଉଁଠି ଥିଲା ଯେଉଁ ଖେଳନା
ସେଇଠି ଗଲା ଶୋଇ,
ବିଲେଇ ଛୁଆ ନ ହୋଇ ଥିର
ଖୋଜି ବୁଲଇ ଘରକୁ ଘର
ଟୁକୁନ୍ ଗଲା କାହିଁ?

ଟୁକୁନ୍ ଯାଇଛି ଇସ୍କୁଲକୁ
କାହାକୁ ନାହିଁ ଜଣା,
ଆସିଲେ ଫେରି ଖାଇବ ବୋଲି
ଚାଲିଚି ପୁରି ଛଣା।
ବିଲେଇ ଛୁଆ ଜାଣିବ କାହୁଁ
ହେଉଚି ଖାଲି ଆଉଁ-ମାଉଁ
ଦୁଆର ମୁହେଁ
ଶୋଇଚି ଚାହିଁ ଚାହିଁ,
ଟୁକୁନ୍ ଗଲା କାହିଁ?

Digitized by srujanika@gmail.com

ନାଲି ଗୁଲୁ ଗୁଲୁ ଝିଅଟି

(ଚଲି ଶିଖାଇବା ଗୀତ)

ନାଲି ଗୁଲୁଗୁଲୁ ଝିଅଟି
କାହିଁ ଯାଏଟି ?
ପାଦରେ ଅଳତା ନାଏଟି
କାହିଁ ଯାଏଟି ?
ପୋଡ଼ା ପିଠା ଖଣ୍ଡେ ଖାଏଟି
କାହିଁ ଯାଏଟି ?.
ମାଆର କାଖରେ ଥାଏଟି—
କାହିଁ ଯାଏଟି ?

ଥର ଥର ପଡ଼ି ଯାଏଟି
କାହିଁ ଯାଏଟି ?
ହସୁ ହସୁ କାନ୍ଦୁ ଥାଏଟି
କାହିଁ ଯାଏଟି ?
ଆଗକୁ ଆଗକୁ ଯାଏଟି
କାହିଁ ଯାଏଟି ?
ନାଲି ଗୁଲୁଗୁଲୁ ଝିଅଟି
କାହିଁ ଯାଏଟି ?

Digitized by srujanika@gmail.com

ରାହା ଧରିଥିଲା ଯିଏ

● ଏଇଠି ଖେଳୁଚି କିଏକି ?
ରାହା ଧରିଥିଲା ଯିଏ କି ?
ନିଜେ ବସିଥିଲା ଋଷି
ନିଜେ ହେଉଚିନା ଖୁସି !
ଡକା ନାଇଁ କି ପକା ନାଇଁ
ସାଙ୍ଗରେ ଖେଳୁଚି ପୁଷି ।
ପୁଷିଟି ଆମର ଡ଼ଉଲ,
ଦିନ ରାତି ଖୋଜେ ଶେଉଳ ।

● ପୁଷିକୁ ଆମର ସର୍ଦ୍ଦି
ମାଛ ଆଣିଦିଅ ଜଲ୍‌ଦି ।
ପୁଷିର ଅଧେକୁ ବାବୁର ଅଧେ
ମାଛ ହୋଇଯିବ ବଣ୍ଟା
ମାଛ ଖାଉ ଖାଉ ପୁଷିର
ଗଳାରେ ଲାଗିବ କଣ୍ଟା ।

● ଗଳା ଲାଗୁଥିବ କଟ୍‌କଟ୍
ପୁଷି ହେଉଥିବ ଛଟ୍-ପଟ୍ ।
ବାବୁ ଡ଼ାକିଯିବ ଡ଼ାକ୍ତର
କଣ୍ଟା କାଢ଼ିବେ ତରତର୍ ।
ପୁଷିର ମନରେ ଶଙ୍କା
ଡ଼ାକ୍ତର ନେବେ ଟଙ୍କା !

● ବାବୁ ହେଉଥିବ ଚିଁ-ଚିଁ
ପୁଷି ହେଉଥିବ ମିଁ-ମିଁ
ମୁହଁ ଯାଇଥିବ ମଉଳି
କାନ ପଡ଼ିଥିବ ଝାଉଁଳି ।
କୁଆଡୁ ଆଣିବ ପଇସା ?
ପୁଷିର ତ ନାହିଁ ବେଉସା !

Digitized by srujanika@gmail.com

କିଏ ଗାଧୋଉଛି କେଉଁଠି

ପାକି ବସିଅଛି   ମା'ର କୋଳେ
ହଂସ ଖେଳୁଚି   ପୋଖରୀ ଜଳେ
ବଗ ଉଡ଼ିଯାଏ   ପାହାଡ଼ ଚୂଳେ
ସାଗୁଆ ପତର   ଖାଇବା ପାଇଁ
ଛେଳିଛୁଆ ଚରେ   ପାହାଡ଼ ତଳେ।



ବଗ ଗାଧୋଇବ   କେଉଁଠି ?
ବଗ ଗାଧୋଇବ   ନଈର ଜଳେ
ଟିକି ମାଛ ଖେଳେ   ଯେଉଁଠି।

Digitized by srujanika@gmail.com

ହଂସ ଗାଧୋଇବ କେଉଁଠି ?
ହଂସ ଗାଧୋଇବ ପୋଖରୀ ଜଳେ
ପଦୁଁଅ ପତର ଯେଉଁଠି ।

ଛେଳି ଗାଧୋଇବ କେଉଁଠି ?
ଛେଳିଛୁଆ ଯିବ ଝରଣା କୂଳେ
ବାଘ ଛକିଥିବ ଯେଉଁଠି ।

ପାଜି ଗାଧୋଇବ ନାହିଁ କି ?
ମା' କରିଅଛି ଉଷୁମ ପାଣି
ପାକି ଗାଧୋଇବା ପାଇଁକି ?

Digitized by srujanika@gmail.com

ମୋ କଥା କିଏ ବୁଝେ ?

ମୋ' କଥା କିଏ ବୁଝେ ?
ମୋତେ ବା କିଏ ଖୋଜେ ?
ପୁଷି ବିଲେଇ ଛପି ଛପିକା
ମୂଷାକୁ ବୁଲି ଖୋଜେ ।
ମୋ' କଥା କିଏ ବୁଝେ ?

Digitized by srujanika@gmail.com

ବଡ଼ ନାନୀର କଲେଜ ପାଠ
ସାନ ନାନୀ ତ ଶିଖୁଚି ନାଟ
ମା'ଙ୍କୁ ମୋର ସମୟ କାହିଁ?
ରୋଷେଇ ସାରି ମୁହଁଟି ଧୋଇ
ବାସନ ସବୁ ମାଜେ।

ମୋ' କଥା କିଏ ବୁଝେ?
ଜିପ୍‌ରେ କେତେ ଫାଇଲ୍ ଭରି
ବାପା ଯାଆନ୍ତି ଅଫିସ୍ କରି,
ନାକ ଅଗରେ ଚଷମା ଦେଇ
ହାତରେ ଧରି ପୁରାଣ ବହି
ପଢ଼ନ୍ତି ବସି ଜେଜେ।
ମୋ' କଥା କିଏ ବୁଝେ?



Digitized by srujanika@gmail.com

ଫୁଟିଲେ ଗୁଳି-ଗୁଳା

ଆମର ବାବୁ ପଢ଼ିବ ଶୋଇ
କାନରେ ଦେଇ ତୁଳା,
ଡ଼ରିବ ନାଇଁ ଫୁଟିଲେ ଯେତେ
ବାହାରେ ଗୁଳି-ଗୋଳା ।

ଆଈ ତାହାର ଭାଷଣ ଦିଏ
ଅଜା ତା' କାଟେ ଚିତା,
ମାମୁଁଟି ତା'ର କାନତରାଟି
ମାଆଟି ତା'ର ନେତା ।

ଭାଇ ତା'ର ଜଗତଜିତା,
ବାପା ପୁଲିସ୍‌ବାଲା,
ଡ଼ରିବ୍ର କିଆଁ ଆମର ବାବୁ
ଫୁଟିଲେ ଗୁଳି-ଗୋଳା ।

Digitized by srujanika@gmail.com

ଏଇଟି ମୋର କିଏ

ଏଇଟି ମୋର କିଏ ରେ
ବରଷା ପାଣି ପିଏ ।
ପକେଇ ଦିଅରେ ଖତ ଗଦାକୁ
କୁଆ ନେଇଯାଉ ମାମୁଁ ଘରକୁ
ମାମୁଁ ଯାଇଥିବ ହାଟକୁ
ମାଇଁ ଚାହିଁଥିବ ବାଟକୁ

ଆଈ ପଚାରିବ କାହାର ଝିଅ ତୁ
ଅଜା ପଚାରିବ କିଏ

ମାଇଁ କହିବ ଯାହାର ହେଉ
ଧୋଇ ଧାଇକି ନିଏଁ ।

Digitized by srujanika@gmail.com

ନୂଆ ବରଷ ନମସ୍କାର

ନୂଆ ବରଷ ନମସ୍କାର
କରିବ ନାହିଁ ତିରସ୍କାର ।
ଆମର ଘର ପରିଷ୍କାର
ଆମକୁ ଦେବ ପୁରସ୍କାର ।

ଦମ୍ ଦମ୍ ଦମ୍ ଦାମାରେ
ମଇଳା ନାହିଁ ଜାମାରେ ।
ନଖ ଦାନ୍ତ ପରିଷ୍କାର
ଆମକୁ ଦେବ ପୁରସ୍କାର ।
ମାର ତାଳି ନାଚ ଭାଇ
ସବୁ ମଣିଷ ଭାଇ ଭାଇ ।

ସା, ରେ, ଗା, ମା, ପା, ଧା, ନି
ଆମେ ତ ହେବୁ ସଂଧାନୀ ।
କରିବୁ ନୂଆ ଆବିଷ୍କାର
ଆମକୁ ଦେବ ପୁରସ୍କାର ।

Digitized by srujanika@gmail.com

ଇନ୍ଦ୍ର ଧନୁ ରଙ୍ଗ ସାଦ୍
ଆମର ହେବ ବାଜି ମାତ୍।
ବା ଘ ନି ଶ ହ ଲା ନା,
କାମ ନ ସାରି ପଳାନା।
ଶପଥ କରି ରଖିଲୁ ବାଜି
ଆଜିର କାମ ସାରିବୁ ଆଜି।

ଶୁଣିବୁ ନାହିଁ ତିରସ୍କାର
ପାଇବୁ ଖାଲି ପୁରସ୍କାର।
ନୂଆ ବରଷ ନମସ୍କାର
ଆମକୁ ଦେବ ପୁରସ୍କାର।

Digitized by srujanika@gmail.com